ପରମ୍ପରା-ପ୍ରତିବାଦ-ମୈତ୍ରୀ-କୈବଲ୍ୟ ଚେତନାର ସାମୟିକ ସଂକଳନ

# ଆଗାମ

୨୧



# ସମ୍ମାନ - ଏହା କ'ଣ ବୁଝାଏ ଓ ଆମେ କଣ ବୁଝୁ

ଏକ ଶୀତ ଅପରାହ୍ଣରେ ଏକାଠି ବସି ଚା' ପିଉ ପିଉ ମୋର ଜଣେ ସମ୍ପର୍କୀୟା ଭଉଣୀ ମୀନୁ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଚାଲିଥାଏ। ବହୁତ ବର୍ଷ ଆମେରିକାରେ ରହିବା ପରେ ସେ ନିଜ ପୈତୃକ ଘରେ ଛୁଟି କାଟିବାକୁ ତିନିମାସ ପାଇଁ ଓଡ଼ିଶା ଆସିଥାଏ। ବନ୍ଧୁବାନ୍ଧବମାନେ ଭାରି ଆଗ୍ରହରେ ତାଙ୍କୁ ନିଜ ଘରକୁ ଖାଇବାକୁ ନିମନ୍ତ୍ରଣ କରୁଥାନ୍ତି। ସେହି କ୍ରମରେ ସେଦିନ ସେ ଆମ ଘରକୁ ଆସିଥାଏ। ମୋ'ଠାରୁ ତିନିବର୍ଷ ସାନ ହେଲେ ବି ଆମ ଘରକୁ ଛୁଟିରେ ଆସିଲେ ସେ ମୋ ସହିତ ହିଁ ଖେଳେ। ନିଜର ବାଲ୍ୟସ୍ମୃତିକୁ ମନେ ପକାଇ ମୀନୁ ଅନେକ କଥା କହିଲା। ପିଲାବେଳେ ଜାନିଯାତ୍ରାରେ ଆମକୁ ଘରର ବୟୋଜ୍ୟେଷ୍ଠମାନେ ଯାତ୍ରା ଦେଖିବା ପାଇଁ ପଇସା ଦେଲେ ଆମେ ତାଙ୍କର ପାଦ ଛୁଇଁ ପ୍ରଣାମ କରୁଥିଲୁ। ଦାନ ସହିତ ଦକ୍ଷିଣା ପରି ଆମକୁ ଆଶୀର୍ବାଦରେ ପୋତି ପକାଉଥିଲେ ସେମାନେ। ଆମେ ବଡ଼ମାନଙ୍କୁ ଖୁବ୍ ସମ୍ମାନ କରୁଥିଲୁ ଆଉ ସେମାନେ ଆମକୁ ଖୁବ୍ ଆଦର କରୁଥିଲେ।

ଏତିକି କହୁ କହୁ ମୀନୁର ଆଖି ଓଦା ହୋଇଗଲା। ଭାବପ୍ରବଣ ହୋଇ ଉଠିଲା ସେ। ମୁଁ ଟିକିଏ ଗମ୍ଭୀର ସ୍ୱରରେ କହିଲି, ହଁ ମୀନୁ ସେ ସମୟ ସେମିତି ଥିଲା। ଏବେ କେହି କାହାକୁ ସମ୍ମାନ କରନ୍ତିନି କି ଆଦର କରନ୍ତିନି। ଅଫିସରେ ଯେତିକି ସମ୍ମାନ ମିଳେ ତାହା ଖୁବ୍ ଯାନ୍ତ୍ରିକ ଲାଗେ।

କଥା ଛଳରେ 'ସମ୍ମାନ' କଣ ଓ ଆମେ ତାକୁ କିପରି ବୁଝୁ, ଏ ବିଷୟରେ ଆଲୋଚନା ଆରମ୍ଭ ହେଲା। ଏହି ପ୍ରସଙ୍ଗକୁ ନେଇ ସେ ନିଜର ଏକ ଅନୁଭୂତି

ବର୍ଣ୍ଣନା କଲା। ସେ ଆମେରିକାରେ ଗୋଟିଏ ଭିନ୍ନକ୍ଷମ ବିଦ୍ୟାଳୟରେ ଶିକ୍ଷକତା କରୁଥିଲା। ବଡ଼ ଉତ୍ସାହର ସହିତ ସେ କହିବା ଆରମ୍ଭ କଲା...

- ଜଣେ ଅବସରପ୍ରାପ୍ତ ବୟସ୍କ ବ୍ୟକ୍ତି ଏକୁଟିଆ ରହୁଥିଲେ। ନିଜର ବଳକା ସମୟକୁ କାଟିବାକୁ ସେ ବେଳେ ବେଳେ ସେହି ଭିନ୍ନକ୍ଷମ ସ୍କୁଲକୁ ଆସି ସାଧ୍ୟମତେ ସାହାଯ୍ୟ କରୁଥିଲେ। ଯିଏ ଯେତେବେଳେ ଯେଉଁ କାମ ପାଇଁ କହୁଥିଲେ, ସେ ଆଗ୍ରହର ସହିତ କରୁଥିଲେ। କୌଣସି କାମକୁ ସେ ବଡ଼ କି ଛୋଟ ବୋଲି ଭାବୁ ନ ଥିଲେ। ସବୁ କାମକୁ ସେ ସମାନ ଦୃଷ୍ଟିରେ ଦେଖୁଥିଲେ। ସେ ଭାରି ସମୟାନୁବର୍ତ୍ତୀ ଥିଲେ। ସ୍କୁଲ୍ ସମୟର ଢେର୍ ଆଗରୁ ଆସୁଥିଲେ ଏବଂ ସବୁଠୁ ଦୂରରେ ହିଁ କାର୍ ପାର୍କ କରୁଥିଲେ। ତାହା ଦିନକର କଥା ନୁହେଁ। ଅଭ୍ୟାସଗତ ଭାବେ ସେ ସେପରି କରୁଥିଲେ। ତାଙ୍କର ଏ ପ୍ରକାର ବିଚିତ୍ର ଆଚରଣ ଦେଖି ମୁଁ ଚକିତ ହେଲି।

- ଆଚ୍ଛା ! ତୁମେ ତାଙ୍କୁ ଏ ବିଷୟରେ କେବେ କିଛି ପଚାରିନାହଁ ?

- ହଁ, ମୋ ମନର କୌତୂହଳକୁ ରୋକି ନ ପାରି ଦିନେ ତାଙ୍କୁ ପଚାରିଲି, 'ଆପଣ ସବୁଠାରୁ ଆଗରେ ଆସୁଛନ୍ତି। ପାର୍କିଂରେ ଏତେ ଖାଲି ଜାଗା ଥିବା ସତ୍ତ୍ୱେ ଆପଣ କାହିଁକି ଏତେ ଦୂରରେ କାର୍ ପାର୍କ କରନ୍ତି ? ଏଣ୍ଟ୍ରି ପାଖରେ ରଖିପାରନ୍ତେ ଆପଣଙ୍କ କାର୍ !' ମୋ ପ୍ରଶ୍ନରେ ତାଙ୍କ ଲୋଚାକୋଚା ମୁହଁରେ ଧାରେ ହସ ଉକୁଟି ଉଠିଲା। ସେ ଅତ୍ୟନ୍ତ ସରଳତାର ସହିତ ଉତ୍ତର ଦେଲେ, 'ହଁ ମୁଁ ଶୀଘ୍ର ଆସେ। ଯଦି ମୁଁ ଏଣ୍ଟ୍ରି ପାଖରେ ଗାଡ଼ି ପାର୍କ କରିଦେବି, କେହି କୌଣସି କାରଣରୁ ବିଳମ୍ବରେ ପହଞ୍ଚିଲେ ବାଧ୍ୟ ହୋଇ ସବୁଠୁ ଦୂରରେ ଗାଡ଼ି ପାର୍କ କରିବେ। ସେଇ କାରଣରୁ ସେ ଆହୁରି ବିଳମ୍ବରେ ନିଜ କାମରେ ଯୋଗଦେବେ। ମୋ ହାତରେ ତ ସମୟ ହିଁ ସମୟ। ସେଥିପାଇଁ ମୁଁ ଦୂରରେ ଗାଡ଼ି ପାର୍କ କରେ ଓ ଅନ୍ୟମାନଙ୍କ ପାଇଁ ସୁଯୋଗଟିଏ ତିଆରି କରେ।

ତାଙ୍କ ଉତ୍ତରରେ ମୁଁ ସ୍ତବ୍ଧ ହୋଇଗଲି।

ମୀନୁ ଏଇ ଘଟଣାଟିର ଉଦାହରଣ ଦେଇ ଶୃଙ୍ଖଳିତ ଜୀବନଯାପନ ଦ୍ୱାରା କିପରି ଅନ୍ୟକୁ ସମ୍ମାନ ପ୍ରଦର୍ଶନ କରାଯାଏ, ସେଇକଥା କହିଲା। ମୁଁ କହିଲି...

- ଇଏ କଣ ଦିନକର କଥା ! ଖୁବ୍ ଛୋଟବେଳୁ ଭାଇ-ଭଉଣୀଙ୍କ ଭିତରେ, ନିଜ ସାଙ୍ଗସାଥିଙ୍କ ଭିତରେ ଆମେ ସବୁଠୁ ଆଗରେ ପହଞ୍ଚି ନିଜ ପାଇଁ ସବୁଠାରୁ ସୁବିଧାଜନକ ସ୍ଥାନଟିଏ ଅକ୍ତିଆର୍ କରିନେବାର କଳା ଶିଖୁ। ଅନ୍ୟକୁ ଠେଲି ଦେଇ ଆଗକୁ ବଢ଼ିବା ଓ ଟାଣି ଓଟାରି ହୋଇ ଶୀର୍ଷରେ ପହଞ୍ଚିବାର ନିଶା ଆମ ଭିତରେ ବେଶ୍ ପ୍ରତିଯୋଗିତାମୂଳକ ଭାବେ ଚାଲେ। ରାସ୍ତାରେ, ଏୟାରପୋର୍ଟରେ ଚେକ୍

ଇନ୍ କଲାବେଳେ ହେଉ କି କୌଣସି ବଫେରେ କିମ୍ବା ପାର୍କିଂ ଲଟ୍ ରେ ଆମେ କେବେ ଶୃଙ୍ଖଳିତ ଭାବେ ଧାଡ଼ିରେ ଯାଉନା। ଯଥା ସମ୍ଭବ ଆଗରେ ଯାଇ ନିଜ କାମ ଆଗ ସାରିଦେବାକୁ ଚାହୁଁ।

ଥରେ ମୋର ଜଣେ ବନ୍ଧୁ କହିଲେ, 'ଅନେକବର୍ଷ ଧରି ଆମେ ଏମିତି ସମସ୍ୟା ସହିତ ଯୁଝୁଛନ୍ତି। ସୁଖ ସୁବିଧାର ସାଧନ ତୁଳନାରେ ଆମ ଦେଶରେ ଜନସଂଖ୍ୟା ବହୁତ ଅଧିକ। ତେଣୁ ଆଗ ଯା'ର, ପାଗ ତା'ର ନ୍ୟାୟରେ ଆମେ ସମସ୍ତେ ମାନବୀୟ ମୂଲ୍ୟବୋଧକୁ ଆଡ଼ କରିଦେଇ ସ୍ୱାର୍ଥ ହାସଲ ଦିଗରେ ଆଗେଇ ଯାଉଛନ୍ତି। ଆମ ସମାଜ ମଧ୍ୟ ଏପରି ମାନସିକତାକୁ ଗ୍ରହଣ କରିନେଇଛି। ଅନ୍ୟ ପକ୍ଷରେ ସ୍ୱିଡେନ୍ ପରି ଛୋଟ ଛୋଟ ଦେଶରେ ଜନସଂଖ୍ୟା ତୁଳନାରେ ସମସ୍ତ ସାଧନର ପରିମାଣ ବହୁତ ଅଧିକ। ତେଣୁ ସେମାନଙ୍କ ଭିତରେ ଏଥିପାଇଁ ଏମିତି ପ୍ରତିଯୋଗିତା ନାହିଁ। ସାଧାରଣ ସୌଜନ୍ୟ ଦେଖାଇବାକୁ କେହି କାର୍ପଣ୍ୟ କରନ୍ତି ନାହିଁ।'

- ତୁମେ କଣ ତାଙ୍କ କଥା ମାନିଗଲ ?

- ନା...ବନ୍ଧୁଙ୍କର ଏ ପ୍ରକାର ଯୁକ୍ତି ସହ ମୁଁ ଆଦୌ ସହମତ ନୁହେଁ। ମୋ ମତରେ ଏହା ସାଧନର ଅଭାବରୁ ଏମିତି ହେଉନାହିଁ। ପ୍ରକୃତରେ ଆମ ଭିତରେ ଅନ୍ୟକୁ ସମ୍ମାନ କରିବାର ମାନସିକତାର ଅଭାବ ରହିଛି। ଆମେ ଖୁବ୍ ଚତୁରତାର ସହିତ ଅନ୍ୟର ଦୁଃସ୍ଥିତିର ସୁଯୋଗ ନିଅନ୍ତି। ଅନ୍ୟ ଦେଶର ଲୋକମାନେ ମୂଳରୁ ଏସବୁକୁ ନେଇ ସଚେତନ। ତେଣୁ ତାହା ସେମାନଙ୍କର ଅଭ୍ୟାସଗତ।

- ଠିକ୍ କଥା। ଆମେରିକାର ସେହି ଅବସରପ୍ରାପ୍ତ ବ୍ୟକ୍ତିଙ୍କର ପଇସାର ଅଭାବ ନ ଥିବା ସତ୍ତ୍ୱେ ସେ ଭିନ୍ନକ୍ଷମ ବିଦ୍ୟାଳୟରେ କିଛି କାମ କରୁଥିଲେ। ତାହା ତାଙ୍କ ପ୍ରତିଷ୍ଠା ଅନୁସାରେ କାମ ନ ଥିଲା। କେବଳ ନିଜର ବଳକା ସମୟକୁ ଅନ୍ୟମାନଙ୍କ ହିତରେ ଉପଯୋଗ କରିବାକୁ ସେ ସ୍କୁଲକୁ ଆସୁଥିଲେ। ସେ ଭଲ ଭାବରେ ଜାଣିଥିଲେ, ପାର୍କିଂ ଲଟ୍ ରେ ଜାଗା ଛାଡ଼ିଦେବା ଦ୍ୱାରା ତାଙ୍କୁ କେହି ଦଣ୍ଡିତ କରିବେ ନାହିଁ କି ପ୍ରଶଂସା କରିବେ ନାହିଁ। ନୈତିକତା ଦୃଷ୍ଟିରୁ ସେ ଏପରି କରୁଥିଲେ। ଚିନ୍ତା କରି ଦେଖ! ଏପରି କରିବା ପାଇଁ କେହି ତାଙ୍କୁ ପ୍ରବର୍ତ୍ତାଇ ଥିଲେ ? ଏହା ତାଙ୍କର ମଣିଷପଣିଆ ବୋଲି ମୁଁ କହିବି।

ସମ୍ମାନକୁ ନେଇ ଆମ ଭିତରେ କଥାବାର୍ତ୍ତା ଚାଲୁଥିବାରୁ 'ସମ୍ମାନ' ଶବ୍ଦଟିକୁ ନେଇ ମୁଁ ଅନୁସନ୍ଧିତ୍ସୁ ହୋଇଉଠିଲି। ଆଉ ଟିକିଏ ମୂଳକୁ ଯାଇ ଏହି ଶବ୍ଦଟିର ଆକ୍ଷରିକ ଅର୍ଥ ଖୋଜିଲି। ଏହାର ପ୍ରକୃତ ଅର୍ଥ, ତା'ର ବ୍ୟବହାର କିପରି ହେବା ଉଚିତ୍ ଓ ଆମେ ଶବ୍ଦଟିକୁ କିପରି ବ୍ୟବହାର କରୁଛୁ, ତାହା ଜାଣିବାକୁ ଚାହିଁଲି। ଅକ୍ସଫୋର୍ଡ

ଡିକ୍ସିନାରୀ ଅନୁସାରେ, 'ସମ୍ମାନ' ହେଉଛି ଏକ ବିଶେଷ୍ୟ ପଦ। ଯାହାର ଅର୍ଥ ହେଲା....

୧ - କାହାର ଦକ୍ଷତା, ଉତ୍କର୍ଷତା ଓ ସଫଳତାର ଆଧାରରେ ତାଙ୍କ ପ୍ରତି ସୃଷ୍ଟ ଅନୁରାଗ ହିଁ ସମ୍ମାନ।

୨ - ଅନ୍ୟର ଭାବପ୍ରବଣତା, ଅଭିଳାଷ ଓ ଅଧିକାରକୁ ସମାଦର କରିବାକୁ ସମ୍ମାନ କୁହାଯାଏ।

ଯେ କୌଣସି ବ୍ୟକ୍ତି ବିଶେଷର ଭାବନା, ଅଭିଳାଷ ଓ ଅଧିକାରକୁ ମର୍ଯ୍ୟାଦାଜନକ ଭାବେ ସମାଦର କରିବା ହିଁ ଏଠାରେ ଆଲୋଚ୍ୟ ବିଷୟବସ୍ତୁ।

ମୀନୁ କହିଲା...

- ଏ ଦେଶରେ ସାମାଜିକ ଅସମାନତା ଅନେକ ସମୟରେ ଧନୀ ଲୋକଙ୍କୁ ସୁଖ ସୁବିଧା ଭୋଗ କରିବାର ସୁଯୋଗ ଦେଇଥିଲା ବେଳେ ଗରିବ ଲୋକଙ୍କୁ ଉତ୍ପୀଡ଼ନର ଶିକାର ହେବାକୁ ଛାଡ଼ିଦେଇଛି।

- ଠିକ୍ କହୁଛୁ ମୀନୁ। ଏଠାରେ ଏ ପ୍ରକାର ମାନସିକତା ଅତି ସାଧାରଣ। ଯିଏ ଯେତେ ବେଶି ଧନବାନ୍ ବା ଯାହାର ଯେତେ ଅଧିକ ସାମାଜିକ ପ୍ରତିଷ୍ଠା ରହିଛି, ସେ ସେତେ ବେଶି ସମ୍ବେଦନହୀନ। ଗରିବ ଲୋକମାନେ ସାରା ଜୀବନ ବଶମ୍ବଦ ହୋଇ 'ଜୀ ହାଁ' କରି କରି ଜୀବନ ବିତାଇ ଦେଉଛନ୍ତି। ବେଳେ ବେଳେ ଅଫିସର ବା ମନ୍ତ୍ରୀ ଅମଲାଙ୍କ ପାଖରେ କିଛି କାମ ଥିଲେ ସାଧାରଣ ଲୋକଟିଏ ଦୂରଦୂରାନ୍ତରୁ ଆସି ଦିନ ତମାମ୍ ଅପେକ୍ଷା କରନ୍ତି। ତଥାପି ତାଙ୍କର ଦର୍ଶନ ମିଳିବା ସହଜ ହୁଏନି। ଲୋକଟିକୁ ଦିନସାରା ଅପେକ୍ଷା କରେଇଛି ବୋଲି ତାଙ୍କ ମନରେ ଟିକିଏ ଅନୁଶୋଚନା ଥାଆନ୍ତା ଭଲା। ଏହା ମଧ ସାଧାରଣ ଲୋକଟିର ସମ୍ମାନର ପ୍ରଶ୍ନ। କେହି ଏକଥାକୁ ଗୁରୁତ୍ୱର ସହିତ ଭାବୁନାହାନ୍ତି। ଏ ପ୍ରକାର ବିଚାରବୋଧ ଆମ ଦେଶର ଲୋକଙ୍କୁ ଭୟଙ୍କର ଭାବେ ଆକ୍ରାନ୍ତ କରିଛି। ଉଭୟ ଶ୍ରେଣୀର ଲୋକେ ଏହାକୁ ସହଜରେ ଗ୍ରହଣ କରିନେଇଛନ୍ତି। ଦାସତ୍ୱପ୍ରଥା ଲୋପ ପାଇ ସାରିଥିଲେ ମଧ ଦାସତ୍ୱର ମାନସିକତା ଲୋକଙ୍କଠାରୁ ଯାଇ ନାହିଁ। ଠିକ୍ ସେପରି ଉଚ୍ଚବର୍ଗର ଲୋକେ ପ୍ରଭୁତ୍ୱ ଜାହିର୍ କରୁଛନ୍ତି କାଳେ କାଳେ।

- ପ୍ରଥମରୁ ଏସବୁ ସମସ୍ତେ ସହିଆସିଛନ୍ତି। ଅନ୍ୟାୟ ବିରୁଦ୍ଧରେ କେହି ସ୍ୱର ଉତ୍ତୋଳନ କରୁନାହାନ୍ତି। ତେଣୁ ଏ ପ୍ରକାର ଅସମାନତା ଏ ଦେଶର ଜାତିର ଅଗ୍ରଗତିରେ ବାଧକ ସାଜୁଛି। ଜଣଙ୍କର ଆନୁଗତ୍ୟକୁ ଧନୀକଶ୍ରେଣୀ ତା'ର କର୍ତ୍ତବ୍ୟ ଭାବୁଛନ୍ତି। ଗରିବ ତ ସବୁବେଳେ ମୁଣ୍ଡ ନୁଆଁଇ ଚଳିଲା। ଏସବୁ ଏଠିକାର ଲୋକଙ୍କର ଦେହସୁହା ହୋଇଗଲାଣି।

– ଆଗରୁ ଯିଏ ନିଜର ଉପରିସ୍ଥ ଦ୍ୱାରା ଅପମାନିତ ହୋଇଛି, ସୁଯୋଗ ଦେଖି ସେ ତା'ର ଅଧିନସ୍ଥ କର୍ମଚାରୀକୁ ଅପମାନିତ କରୁଛି। ଏହା ଏକ ପ୍ରକାର ରାଗିଂ ନୁହେଁ କି ? ଏହା ଏକ ଅନ୍ତଃହୀନ ପ୍ରକ୍ରିୟା।

ମୀନୁ ମୋ କଥା ଶୁଣି ପ୍ରତିକ୍ରିୟାଶୀଳ ହୋଇ କହିଲା...

– ମଧ୍ୟବିତ୍ତମାନଙ୍କର ସ୍ୱପ୍ନସବୁ ଏହିପରି ଭାବେ ଭଙ୍ଗାଗଢ଼ା ହେଉଛି। ସମ୍ମାନର ସହିତ ବଞ୍ଚିବାକୁ ତାକୁ ସଂଘର୍ଷ କରିବାକୁ ପଡୁଛି। ଯିଏ ଦୁର୍ବଳ ଏହା ଏକ ପ୍ରଚଳିତ ଧାରା ବୋଲି ଗ୍ରହଣ କରିନେଇଛି। ସମୟ ଆସିବ, ସାମାନ୍ୟ ସୌଜନ୍ୟତା ବା ଦୟାଶୀଳତା ପରି ମାନବୀୟ ଗୁଣ ଲୋକଙ୍କ ଭିତରୁ ସମ୍ପୂର୍ଣ୍ଣ ଭାବେ ଲୋପ ପାଇଯିବ।

– ହଁ ପରା, ତାହା ହିଁ ଚିନ୍ତାର ବିଷୟ।

ଆମେ ପ୍ରତିଦ୍ୱନ୍ଦିତାମୂଳକ ଭାବେ ନିଜର ପ୍ରତିଷ୍ଠା ବଢ଼ାଇବା ପଛରେ ଦୌଡୁଛନ୍ତି। ଯଦି ପ୍ରକୃତରେ ଆମେ ପରିବର୍ତ୍ତନ ଚାହାନ୍ତି, ଏହି ପ୍ରକ୍ରିୟା ନିଜଠାରୁ ହିଁ ଆରମ୍ଭ କରିବା ଉଚିତ୍।

ଯଦି କିଛି ପ୍ରଶ୍ନକୁ ଆଧାର କରି ନିଜକୁ ପରୀକ୍ଷା କରାଯାଏ, ଆମେ ଅନ୍ୟର ସମ୍ମାନ ପ୍ରତି ସତର୍କ ତାହା ଜଣା ପଡ଼ିଯିବ। ପ୍ରଶ୍ନଗୁଡ଼ିକ ଏହିପରି ହେଉ....

୧ – ସର୍ବସାଧାରଣ ଶୌଚାଳୟ ବ୍ୟବହାର କରିବା ପରେ ପରବର୍ତ୍ତୀ ବ୍ୟବହାରକାରୀଙ୍କ ପାଇଁ ସମ୍ମାନର ଚିହ୍ନ ସ୍ୱରୂପ ଆମେ ଶୌଚାଳୟକୁ ଭଲ ଭାବରେ ସଫା କରି ଆସନ୍ତି କି ?

୨ – ମଲ୍ କି ଏୟାରପୋର୍ଟରେ ଟ୍ରଲିଗୁଡ଼ିକର ବ୍ୟବହାର ପରେ ଆମେ ଟ୍ରଲିଗୁଡ଼ିକୁ ଯଥାସ୍ଥାନରେ ରଖି ଫେରନ୍ତି କି ?

୩ – ଆମେ ଆମର ଘରୋଇ ବର୍ଜ୍ୟବସ୍ତୁକୁ ମ୍ୟୁନିସିପାଲିଟୀର ଅଳିଆ ଉଠାଉଥିବା ଲୋକକୁ ପରିବାଚୋପା, ମାଛକଣ୍ଟା, ପ୍ଲାଷ୍ଟିକ୍ ଆଦି ଅଲଗା ଅଲଗା ମୁଣାରେ ଦିଅନ୍ତି କି ?

୪ – ଗାଡ଼ି ଚଲାଇବା ବେଳେ ଆମ ଆଗରେ ଯାଉଥିବା ଗାଡ଼ିଠାରୁ ଆମେ ନିରାପଦ ଦୂରତା ରକ୍ଷା କରନ୍ତି କି ? ଆମେ ନିଜ ଲାଇନରେ ହିଁ ଗାଡ଼ି ଚଲାନ୍ତି କି ?

୫ – କୌଣସି ଛକ ଜାଗାରେ ଭିଡ଼ ନ ଥିଲେ ମଧ୍ୟ ନିୟମତଃ ଆମେ ଟିକିଏ ଅଟକି ଯାଆନ୍ତି କି ?

୬ – ଘରେ ଖାଇବାପରେ ମାଛମାଂସର କଣ୍ଟା ଓ ହାଡ଼, ଆଳୁଚୋପା ଆଦି ବାହାର କରି ପ୍ଲେଟକୁ ଟିକିଏ ଧୋଇ ସିଙ୍କରେ ରଖିବାର ଅଭ୍ୟାସ ନିଜେ କରିଛନ୍ତି କି

ନିଜ ପିଲାଙ୍କୁ ଶିଖାଇଛନ୍ତି କି ? ତାହା ଆମ ଘରେ ବାସନ ମାଜୁଥିବା କାମବାଲି ପାଇଁ ଏକ ସମ୍ମାନର କଥା ନୁହେଁ କି ?

୭ - ରେଷ୍ଟୁରାଣ୍ଟରେ ଖାଇଲାବେଳେ ଆମେ ସାଧାରଣ ସୌଜନ୍ୟ ଦୃଷ୍ଟିରୁ ଅନୁଚ୍ଚ ସ୍ୱରରେ କଥା ହୁଅନ୍ତି କି ? ଓ୍ୱେଟର୍ ପ୍ରତି ଶାଳୀନତା ରଖି କଥାବାର୍ତ୍ତା କରନ୍ତି କି ? ଖାଇ ସାରିବା ପରେ ଚେୟାରଗୁଡ଼ିକୁ ଯଥାସ୍ଥାନରେ ରଖି ଆମ ପରେ ଖାଇବାକୁ ଆସୁଥିବା ଲୋକଙ୍କ ପାଇଁ ସୌଜନ୍ୟ ପ୍ରଦର୍ଶନ କରନ୍ତି କି ?

୮ - ଆମେ ଆମ କାମବାଲିକୁ ଓ ଡ୍ରାଇଭରକୁ ତାଙ୍କର ନ୍ୟାର୍ଯ୍ୟ ଅଧିକାର ଭାବେ ସପ୍ତାହାନ୍ତ ଛୁଟି ଦିଅନ୍ତି କି ? କୌଣସି କାରଣରୁ ଯଦି ସେତିକି କରିପାରୁ ନାହାନ୍ତି, ସେଥିପାଇଁ ନିଜକୁ କେବେ ଦୋଷୀ ମନେ କରନ୍ତି କି ?

୯ - ଆମେ ପରିବାର ସହିତ ଲେଟ୍ ନାଇଟ୍ ସୋ'ର ମଜା ନେଲାବେଳେ ବିଚରା ଡ୍ରାଇଭର୍ କେତେ କଷ୍ଟରେ ଅନ୍ଧାରିଆ ବେସମେଣ୍ଟରେ ଗାଡ଼ିରେ ଅପେକ୍ଷା କରିଥିବା କଥା କେବେ ଚିନ୍ତା କରନ୍ତି କି ?

୧୦ - ନିଜର ଉଚ୍ଚଜାତି, ବଡ଼ ପଦବି, ଉଚ୍ଚଶିକ୍ଷା, ପ୍ରତିଷ୍ଠା ଓ ଧନସମ୍ପତ୍ତି ପାଇଁ ଗର୍ବ ଅନୁଭବ କରି ଅନ୍ୟକୁ ହୀନ ଦୃଷ୍ଟିରେ ଦେଖନ୍ତି କି ?

ଉଚ୍ଚ-ନୀଚ ଭେଦ ନ ରଖି ଆମେ ଆମ ଚାରିପାଖର ଲୋକଙ୍କର ଭାବପ୍ରବଣତାକୁ ସମ୍ମାନ ଦେଉ କି ନା ତାହାର ଅନୁଶୀଳନ କରିବାର ଏହା ଏକ ପ୍ରକ୍ରିୟା ମାତ୍ର। ଆମେ ବାସ କରୁଥିବା ମାଟି ମାଆ ଓ ପରିବେଶ ପ୍ରତି ମଧ୍ୟ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ଉଚିତ୍।

ମୀନୁ ଚା' ପିଇସାରି କହିଲା...

- ବିଦେଶରେ ଆମେ ଏସବୁ ଆଗ୍ରହର ସହିତ ମାନିଥାଉ। ଏସବୁ ବ୍ୟବହାର ଅବୈଧାନିକ ବୋଲି କେଉଁଠି ଲେଖାଯାଇ ନାହିଁ। ତେଣୁ କେହି କାହାକୁ ଏସବୁ ଶିଖାଇବା ଦରକାର ହୁଏନା। ଗତାନୁଗତିକ ଭାବେ ଶିଶୁଟିଏ ନିଜ ପରିବାରରୁ ହିଁ ଶିଖିଥାଏ। ଏହି ଆତ୍ମ ପରୀକ୍ଷଣରେ ଉତ୍ତମ ସ୍କୋର୍ ନ କଲେ ମଧ୍ୟ କେହି ତୁମକୁ କିଛି କହିବେ ନାହିଁ। କିନ୍ତୁ, ଆମେ କାହିଁକି ଉତ୍ତମ ପ୍ରଦର୍ଶନ ନ କରିବା ! ଅନ୍ୟର ଭାବପ୍ରବଣତା, ଅଭିଳାଷ ଓ ଅଧିକାରକୁ ସମ୍ମାନ ଦେବା ଏକ ନୈତିକ କାର୍ଯ୍ୟ ଅଟେ। ଏହା ଦ୍ୱାରା ଆତ୍ମାକୁ ଶାନ୍ତି ମିଳେ। ଏତିକି ନିଜେ ବୁଝିବା ଦରକାର।

- ସତରେ ମୀନୁ, ଆମେ ଯଦି କର୍ମଫଳ ଉପରେ ବିଶ୍ୱାସ କରୁଥାନ୍ତି, ମନେ ରଖିବା ଦରକାର ଆମେ ଯେମିତି କର୍ମ କରିଥାନ୍ତି ସେମିତି ଫଳ ପାଆନ୍ତି। ସମୟର

ଚକ ଘୂରି ଆସି ପୁଣି ସେହିଠାରେ ପହଞ୍ଚାଇ ଦିଏ ଯେଉଁଠାରୁ ଏହା ଆରମ୍ଭ ହୋଇଥାଏ। ଅନ୍ୟକୁ ସମ୍ମାନ ପ୍ରଦର୍ଶନ କରୁଥିବା ବ୍ୟକ୍ତିମାନେ ସାମଗ୍ରିକ ଭାବେ ଏକ ସୁନ୍ଦର ସମ୍ବେଦନଶୀଳ ସୁସ୍ଥ ସମାଜ ତିଆରି କରିବାରେ ସହାୟକ ହୁଅନ୍ତି। ଆମେ ଯଦି ବ୍ୟକ୍ତିଗତ ଭାବେ ନିଜକୁ ସୁଧାରି ଏପରି ଏକ ସମାଜ ତିଆରି କରିବା, ଯେଉଁଠି ଉଚ୍ଚ-ନୀଚ ଭେଦଭାବ ରହିବ ନାହିଁ। ସ୍ୱଚ୍ଛ ପ୍ରତିଷ୍ଠିତ ବା ନୀଚଶ୍ରେଣୀର ଲୋକଙ୍କ ପାଇଁ ମଧ୍ୟ ମର୍ଯ୍ୟାଦାର ସହିତ ବଞ୍ଚିବାର ଆମେ ସୁଯୋଗଟିଏ ସୃଷ୍ଟି କରିବା ଉଚିତ୍। ଏପରି ଏକ ସମାଜରେ ପ୍ରତିପତ୍ତିସମ୍ପନ୍ନ ବ୍ୟକ୍ତିଙ୍କ ଉପସ୍ଥିତିରେ ମଧ୍ୟ ଅତି ସାଧାରଣ ଲୋକେ ନିଜକୁ ସୁରକ୍ଷିତ ମନେ କରିବେ। ତୃଣମୂଳ ସ୍ତରରୁ ଏହା ଆରମ୍ଭ ହେଉ। ସମ୍ମାନ ପ୍ରଦର୍ଶନ କରିବା ଯେପରି ଏକ ନୈତିକ ଦାୟିତ୍ୱ, ସମ୍ମାନର ସହିତ ବଞ୍ଚିବା ମଧ୍ୟ ଏକ ମୌଳିକ ଅଧିକାର ହେଉ।

ଆମ ସମାଜରେ ନାରୀ ପ୍ରତି ସମ୍ମାନ ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ସେ ବିଷୟରେ ଆଲୋଚନା କରିବା, ଆଉ କେବେ.....

ମୀନୁ ହସି ଦେଇ କହିଲା...

- ମୁଁ ବି ଚାହେଁ, ଆମ ଦେଶର ପ୍ରତ୍ୟେକ ନାଗରିକ ଖୁସିରେ ବଞ୍ଚନ୍ତୁ।

ଆକାଶରେ ପୂର୍ଣ୍ଣିମାର ଚାନ୍ଦ ଉଇଁ ଆସୁଥିଲା। ମୁଁ ଗୋଟିଏ ସୁନ୍ଦର ତାରାଭରା ରାତିର ସ୍ୱପ୍ନରେ ମସଗୁଲ ଥିଲି।

❖

# ଅନାମ-୨୧ରେ ପ୍ରକାଶିତ ଲେଖକ (କ୍ରମାନ୍ୱୟରେ)

## କିଛି କହିବାର ଅଛି
ଅପ୍ରାସଙ୍ଗିକର 'ପ୍ରାସଙ୍ଗିକତା' ମୁଣ୍ଡବ୍ୟଥା

## କବିତା
ଡ. ବଂଶୀଧର ଷଡଙ୍ଗୀ
ରବି ଶତପଥି
କୈଳାସ ରାୟ
କେଦାର ମିଶ୍ର
କାମଦେବ ମହାରଣା
ଭବାନୀ ଭୂୟାଁ
ମନୁଆ ଦାସ
ନେତ୍ରାନନ୍ଦ ସାମନ୍ତରାୟ
ନିଖିଳେଶ ମିଶ୍ର
ତେଜସ୍ୱିନୀ ପଣ୍ଡା
ମନୁ ଦାଶ

## ଅନୂଦିତ କବିତା
ନିର୍ବାଣ ଷଟ୍‌ପଦୀ / ଆଦି ଶଙ୍କରାଚାର୍ଯ୍ୟ (ସଂସ୍କୃତ)
(ଅନୁ : ପବିତ୍ର ମୋହନ ଦାଶ)
କେଜ୍‌ଡ ବାର୍ଡ / ମାୟା ଏଞ୍ଜେଲୁ (ଇଂରାଜୀ)
(ଅନୁ : ଦୁର୍ଗା ପ୍ରସାଦ ପଣ୍ଡା)
ଦି ସାଇନ୍ ଇନ୍ ମାଇଁ ଫାଦରର୍ସ ହ୍ୟାଣ୍ଡ / ମାର୍ଟିନା ଏସ୍‌ପାଡା (ଇଂରାଜୀ)
(ଅନୁ : ମନୁଆ ଦାସ)
ଉଇ ଲିଭ୍ ହାପିଲି ଡ୍ୟୁରିଂ ଦି ୱାର / ଇଲ୍ୟା କମିନ୍‌ସ୍କି (ଇଂରାଜୀ)
(ଅନୁ : ସୁଶାନ୍ତ କୁମାର ଲେଙ୍କା)
ଖତରେ ଉଠାକର / ପ୍ରଫୁଲ୍ଲ ଶିଲେଦାର (ମରାଠୀ)
(ଅନୁ : ପ୍ରଦୀପ କୁମାର ପଣ୍ଡା)
ଜନତାକି ଏକୋକ୍ତି / ପ୍ରବୀଣ ପାଣ୍ଡ୍ୟା (ଗୁଜୁରାଟୀ)
(ଅନୁ : ସୁଭାଷ ଶତପଥୀ)

## ଗଳ୍ପ
ସହଦେବ ସାହୁ
ପରେଶ କୁମାର ପଟ୍ଟନାୟକ
ତରୁଣ ତପନ ମହାନ୍ତି

## ପ୍ରଥମ କୁମାର ମହାନ୍ତି ସ୍ମୃତି ବ୍ୟାଖ୍ୟାନ
ରାଜେନ୍ଦ୍ର କିଶୋର ପଂଡ଼ା
ପେରୁମଲ୍ ମୁରୁଗାନ

## ପ୍ରବନ୍ଧ ଓ ଆଲୋଚନା
ପ୍ରତୀକ ପଟ୍ଟନାୟକ
ଦେବୀ ପ୍ରସନ୍ନ ନନ୍ଦ
ଯଦୁନାଥ ପଣ୍ଡା
ଅରୁଣ କୁମାର ରଥ
ବିଭୂ ପ୍ରସାଦ ତ୍ରିପାଠୀ
ଜୀବିତେଶ ରଥ
ପୂର୍ଣ୍ଣେନ୍ଦୁ କର
ଜେ.ପି. ଜଗଦ୍ଦେବ
(ଅନୁ : ସାଇଜ୍ୟୋତି ପ୍ରଧାନ)
ଡ. ରବୀନ୍ଦ୍ର କୁମାର ଦାସ

## ଅଭିଭାଷଣ
ସଞ୍ଜୀବ ଚନ୍ଦ୍ର ହୋତା

## ଶେଷ ପୃଷ୍ଠା ଚିନ୍ତନ
ଦେବକୀ ଓ ଯଶୋଦା ପ୍ରସଙ୍ଗ

## ଚିଠିପତ୍ର

## ଲେଖକଙ୍କ ସମ୍ପର୍କରେ

ସହଯୋଗ : ଏକ ଟଙ୍କା ମାତ୍ର